ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ଭୁବନେଶ୍ୱର ଆଇଆଇଟି କ୍ଷୟକ୍ଷତି ୮ କୋଟି

ଭୁବନେଶ୍ୱର,୧୦।୫(ନି.ପ୍ର): 'ଫଣି'ର ତାଣ୍ଡବ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସରେ ଦେଖିବାକୁ ମିଳିଛି। ଏଠାରେ ସିଭିଲ ଏବଂ ଇଲେକ୍ଟ୍ରିକାଲ୍ ଭିତ୍ତିଭୂମି ଭୁଶୁଡ଼ି ପଡ଼ିଛି। ଏହା ସହିତ କ୍ୟାମ୍ପସ୍‌ରେ ଲଗାଯାଇଥିବା ଗଛ ଏବଂ ପନିପରିବା ଚାଷ ଉଜୁଡ଼ି ଯାଇଛି। ଇଡ୍‌କୋ ଦ୍ୱାରା ୨୦୧୦ରେ ନିର୍ମିତ ୨ କିଲୋମିଟର ପାଚେରି ଭାଙ୍ଗି ଯାଇଛି। ବାତ୍ୟା ମୁକାବିଲା ପାଇଁ ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଥିବାରୁ ମାତ୍ର ୧୨ଜଣ ସାମାନ୍ୟ ଆହତ ହୋଇଥିବାବେଳେ କୌଣସି ବଡ଼ଧରଣର ଅଘଟଣ ଘଟିନାହିଁ। ପୃଥିବୀ, ସମୁଦ୍ର ଓ ଜଳବାୟୁ ପରିବର୍ତ୍ତନ; ଇଲେକ୍‌ଟ୍ରିକାଲ୍, ମେକାନିକାଲ୍, ଭିତ୍ତିଭୂମି, ଖଣିଜ ସମ୍ପଦ, ଧାତୁ ଓ ପଦାର୍ଥ ଏବଂ ସମାଜିକ ବିଜ୍ଞାନ ବିଭାଗଗୁଡ଼ିକ କାଚ, ଝରକା, କବାଟ ଆଦି ଭାଙ୍ଗିରୁଜି ଯାଇଥିବାବେଳେ ଗବେଷଣାଗାର ଅକାମି ହୋଇପଡ଼ିଛି। ସେହିପରି ଏଠାରେ ଲାଗିଥିବା ସୋଲାର୍ ପ୍ୟାନେଲ୍ ମଧ୍ୟ ଭାଙ୍ଗି ଯାଇଛି। ଆଇଆଇଟି ରାସ୍ତା ଉଭୟ ପାର୍ଶ୍ୱର ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। 'ଫଣି' ତାଣ୍ଡବରେଏଠାରେ ପ୍ରାୟ ୮କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ବୋଲି ନିର୍ଦ୍ଦେଶକ ଆର୍.ଭି.ରାଜ୍ କୁମାର 0ପାଇଁ ତତ୍କାଳ ବିଦ୍ୟୁତ୍ ଓ ଜଳ ଯୋଗାଣ ସେବା ଯୋଗାଇ ଦିଆଯାଇଥିଲା। ମେ' ୫ରେ ଗ୍ରିଡ୍‌କୋ ପକ୍ଷରୁ ବିଦ୍ୟୁତ ସଂଯୋଗ ଦିଆଯାଇଥିବାବେଳେ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଥିଲା। ମେ' ୪ ଓ ୫ରେ ଏମ୍‌ଟେକ୍ ପାଠ୍ୟକ୍ରମ ପାଇଁ ନାମଲେଖା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ଉତ୍ତର ଓ ପଶ୍ଚିମାଞ୍ଚଳର ଶତାଧିକ ପ୍ରାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ। ପୃଥିବୀ, ସମୁଦ୍ର ଓ ପାଣିପାଗ ପରିବର୍ତ୍ତନ ବିଭାଗ ମୁଖ୍ୟ ପ୍ରଫେସର ୟୁ.ସି.ମହାନ୍ତିଙ୍କ 'ଫଣି' ନେଇ ଦିଆଯାଇଥିବା ପୂର୍ବାନୁମାନକୁ ଆଧାର କରି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। କ୍ୟାମ୍ପସରେ ମୁତୟନ ନିରାପତ୍ତାରକ୍ଷୀ, ହାଉସ୍‌କିପିଙ୍ଗ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀ ନେଇଥିବା ତ୍ୱରିତ ପଦକ୍ଷେପ ଯୋଗୁଁ ଭୁବନେଶ୍ୱର ଆଇଆଇଟି ତତ୍କାଳ କାର୍ଯ୍ୟକ୍ଷମ ହୋଇପାରିଛି ବୋଲି ପ୍ରଫେସର ରାଜ କୁମାର କହିଛନ୍ତି।